# NATIONAL NEWS BULLETIN (ODIA)

**18 August - 2024**

**Mid-Day : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନାଗରିକ ସଂଶୋଧନ ଆଇନ୍ ଅଧୀନରେ ୧୮୮ଜଣଙ୍କୁ ଆଜି ପ୍ରମାଣପତ୍ର ପ୍ରଦାନ କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ।

- ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟରେ କ୍ୱେତ୍‌ରେ ପହଞ୍ଚିଲେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ।

- ମିଥ୍ୟା ଏବଂ ବିଭ୍ରାନ୍ତିକର ବିଜ୍ଞାପନ ପ୍ରକାଶ କରିଥିବାରୁ ଶ୍ରୀରାମ ଆଇଏଏସ୍ ଅନୁଷ୍ଠାନକୁ ୩ଲକ୍ଷ ଟଙ୍କା ଜୋରିମାନା ନିର୍ଦ୍ଦେଶ ଦେଲେ କେନ୍ଦ୍ରୀୟ ଖାଉଟୀ ସୁରକ୍ଷା ପ୍ରାଧିକରଣ ।

- ଗାଜାରେ ଅସ୍ତ୍ରବିରତି ପାଇଁ କୂଟନୈତିକ ପ୍ରୟାସର ଅଂଶସ୍ୱରୂପ ଆମେରିକାର ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନଙ୍କ ଆଜି ଇସ୍ରାଏଲ ଗସ୍ତ ।

ଏବଂ

- ସିନ୍‌ସିନାଟି ଓପନ ୨୦୨୪ ଟେନିସ ପ୍ରତିଯୋଗିତାର ଉଭୟ ମହିଳା ଓ ପୁରୁଷ ବର୍ଗରେ ଆଜି ଅନୁଷ୍ଠିତ ହେବ ସେମିଫାଇନାଲ ମ୍ୟାଚ୍ ।

---

## ଗୁଜରାଟ-ଅମିତ ଶାହା

କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଆଜି ଅହମ୍ମଦାବାଦର ନାଗରିକ ସଂଶୋଧନ ଆଇନ୍ ନିମନ୍ତେ ଉଦ୍ଦିଷ୍ଟ ଏକ ସଭାରେ ୧୮୮ଜଣ ବିଦେଶରୁ ଆସିଥିବା ହିନ୍ଦୁ ନାଗରିକମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବେ । ଶ୍ରୀ ଶାହା ଗୁଜୁରାଟର ଅହମ୍ମଦାବାଦ ବିଜ୍ଞପିତ ପରିଷଦର ଉନ୍ନତି ନିମନ୍ତେ ୧ହଜାର କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପକୁ ଉଦ୍‌ଘାଟନ କରିବେ । ଶ୍ରୀ ଶାହା ଆଜି ସକାଳେ ଅହମ୍ମଦାବାଦ ବିଜ୍ଞପିତ ପରିଷଦ ଅନ୍ତର୍ଗତ ବୋଡାକଦେବଠାରେ ଅକ୍ସିଜେନ ପାର୍କ, ଜିମ୍ନାସିୟମ ଓ ମକ୍ରାବା ଅଞ୍ଚଳରେ ଏକ ସୁଇମିଙ୍ଗପୁଲକୁ  ଉଦ୍‌ଘାଟନ କରିଛନ୍ତି । ମନ୍ତ୍ରୀ ଶ୍ରୀ ଶାହା ଆଜି ପ୍ରହ୍ଲାଦ ନଗରଠାରେ ଅନୁଷ୍ଠିତ ଏକ ଜନସଭାକୁ ସମ୍ବୋଧିତ କରି ଘରକୁ ଘର ବୁଲି ଆବର୍ଜନା ସଂଗ୍ରହ କରୁଥିବା ଗାଡ଼ିକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଶ୍ରୀ ଶାହା ଶେଷରେ ସାବରମତୀଠାରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧିତ କରିବେ ।

## ପିଏମ୍-ଥାଇଲାଣ୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଥାଇଲାଣ୍ଡର ନବନିର୍ବାଚିତ ପ୍ରଧାନମନ୍ତ୍ରୀ ପେଟୋଙ୍ଗଟ୍ରାନ ସିନାବାତ୍ରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏକ ସାମାଜିକ

ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ପୂର୍ଣ୍ଣ କାର୍ଯ୍ୟକାଳ ସଫଳ କରିବା ନିମନ୍ତେ ସେ ଆଶାବାଦୀ ଅଛନ୍ତି । ଭାରତ-ଥାଇଲାଣ୍ଡ ଦ୍ୱିପକ୍ଷୀୟ ସମ୍ପର୍କକୁ ଅଧିକ ମଜଭୁତ କରିବା ଦିଗରେ ଶ୍ରୀମତୀ ସିନାବାତ୍ରା ଭାରତ ସହ ମିଳିମିଶି କାର୍ଯ୍ୟ କରିବେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ଜୟଶଙ୍କର-କ୍ୱେତ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆଜି କ୍ୱେତ୍ ଗସ୍ତରେ ଯାଇ ପହଞ୍ଚିଛନ୍ତି । ସେଠାରେ ପହଞ୍ଚିବା ପରେ କ୍ୱେତ୍ ପ୍ରତିପକ୍ଷ ଅବଦୁଲ୍ଲା ଅଲ୍ଲୀ ଅଲ୍ ୟାହିୟା ତାଙ୍କୁ ସ୍ୱାଗତ କରିଛନ୍ତି । ଏହି ଗସ୍ତ ଅବସରରେ ସେ କ୍ୱେତ୍‌ର ଅନ୍ୟ ଶୀର୍ଷ ନେତୃବୃନ୍ଦଙ୍କୁ ମଧ୍ୟ ସାକ୍ଷାତ୍ କରିବାର କାର୍ଯ୍ୟସୂଚୀ ରହିଛି । ଦୁଇଦେଶ ମଧ୍ୟରେ ରାଜନୈତିକ, ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି, ନିରାପତ୍ତା, ସାଂସ୍କୃତିକ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା ହେବ । ଉଭୟ ଦେଶ ପାରସ୍ପରିକ ସ୍ୱାର୍ଥଜଡିତ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ମତ ବିନିମୟ କରିବେ ବୋଲି ଜଣାପଡିଛି ।

## ବିଜେପି ମେମ୍ବରସିପ୍ ଡ୍ରାଇଭ୍ସ

ଭାରତୀୟ ଜନତା ପାର୍ଟି ଆସନ୍ତା ପହିଲାରୁ ନୂଆ ସଦସ୍ୟତା ଅଭିଯାନ ଆରମ୍ଭ କରିବ । ଏହା ଅଧୀନରେ ୧୦କୋଟିରୁ ଅଧିକ ଲୋକଙ୍କୁ ଦଳରେ ସଦସ୍ୟଭାବେ ଗ୍ରହଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି । ସେ କହିଛନ୍ତି ନୂଆଦିଲ୍ଲୀଠାରେ ଦଳର ରାଷ୍ଟ୍ରୀୟ କାର୍ଯ୍ୟକର୍ତ୍ତା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସେ କହିଛନ୍ତି ବିଧାନସଭା ନିର୍ବାଚନ ଘୋଷଣା ହୋଇଥିବା ରାଜ୍ୟଗୁଡ଼ିକରେ ଏହି ଅଭିଯାନ ନିର୍ବାଚନ ପରେ ଆରମ୍ଭ କରାଯିବ। ଦଳର ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଏହାର ଆଦର୍ଶକୁ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ପାତ୍ର କହିଛନ୍ତି । ଦଳୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଅମିତ ଶାହାଙ୍କ ସମେତ ଦଳର ଅନ୍ୟାନ୍ୟ ଶୀର୍ଷ ନେତୃମଣ୍ଡଳୀ ଯୋଗ ଦେଇଥିଲେ ।

## ସିବିଆଇ-ପ୍ରୋବ

କୋଲକାତା ଡାକ୍ତରୀ ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ମାମଲାରେ କଥିତ ଅଭିଯୁକ୍ତ ସଞ୍ଜୟ ରଏଙ୍କର ମାନସିକ ସ୍ଥିତି ଆକଳନ କରିବା ପାଇଁ ସିବିଆଇ ପଦକ୍ଷେପ ନେଇଛି । ଦିଲ୍ଲୀର କେନ୍ଦ୍ରୀୟ ଫରେନ୍ସିକ୍ ସାଇନ୍ସ

ପରୀକ୍ଷାଗାରର ମାନସିକ ଏବଂ ବ୍ୟବହାର ବିଶେଷଜ୍ଞଙ୍କ ଏକ ଦଳ କୋଲକାତାରେ ପହଞ୍ଚିଛନ୍ତି । ସିବିଆଇ ସଞ୍ଜୟ ରଏଙ୍କୁ ଏହି ମାମଲାରେ ନିଜ ହେପାଜତକୁ ନେଇଛି ।

ଅନ୍ୟପକ୍ଷରେ ଆର୍‌ଜିକର ମେଡ଼ିକାଲ କଲେଜ ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ଡାକ୍ତର ସନ୍ଦିପ ଘୋଷଙ୍କୁ ଗତକାଲି ସିବିଆଇ ଦ୍ୱିତୀୟ ଦିନ ପାଇଁ ପଚରାଉଚରା କରିଥିଲା । ପୁଣିଥରେ ସିବିଆଇ କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## କୋଲକାତା-ବିଏନ୍‌ଏସ୍‌ଏସ୍

ନାଗରିକ ସୁରକ୍ଷା ସଂହିତା ୨୦୨୩ଅଧୀନରେ କୋଲାକାତା ପୁଲିସ ଆଜି ଆର୍‌ଜିକର ମେଡ଼ିକାଲ କଲେଜ ଓ ହସ୍ପିଟାଲ ଛାତ୍ର ବିଶୃଙ୍ଖଳାକୁ ନେଇ ୭ ଦିନ ପାଇଁ ୧୬୩ଧାରା ଜାରି କରିଛି । ଏହାଦ୍ୱାରା କୌଣସି ସ୍ଥାନରେ ୫ରୁ ଅଧିକ ଲୋକ ଏକତ୍ରିତ ହୋଇପାରିବେ ନାହିଁ । ଭାରତୀୟ ଛାତ୍ର ମହାସଂଘର ଦୁଇନେତାଙ୍କୁ ପୁଲିସ ଇତିମଧ୍ୟରେ ବେହାଲା ଅଞ୍ଚଳରୁ ଉଠାଇ ନେଇଛି । ସେମାନେ ମେଡ଼ିକାଲ କଲେଜ ପରିସରରେ ଅଗଷ୍ଟ ୧୪ ତାରିଖ ରାତିରେ ଲୋକମାନଙ୍କୁ ବିଭ୍ରାନ୍ତି କରୁଥିଲେ । ଆରଜିକର ମେଡ଼ିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷଙ୍କୁ ସିବିଆଇ ପୁଣିଥରେ

ଅଧିକ ପଚରାଉଚରା ନିମନ୍ତେ ତାଙ୍କ ହେପାଜତକୁ ନେଇଛି । ତାଙ୍କୁ ଗତକାଲି ଏ ସମ୍ପର୍କରେ ମଧ୍ୟ ପଚାରା ଉଚରା କରାଯାଇଥିଲା ।

## ସିସିପିଏ ଫାଇନ୍

ମିଥ୍ୟା ଏବଂ ବିଭ୍ରାନ୍ତିକର ବିଜ୍ଞାପନ ପ୍ରକାଶ କରିଥିବାରୁ କେନ୍ଦ୍ରୀୟ ଖାଉଟୀ ସୁରକ୍ଷା ପ୍ରାଧିକରଣ ଶ୍ରୀରାମ ଆଇଏଏସ୍ ଅନୁଷ୍ଠାନକୁ ୩ଲକ୍ଷ ଟଙ୍କା ଜୋରିମାନା ଦାଖଲ ନିର୍ଦ୍ଦେଶ ଦେଇଛି । ଖାଉଟୀ ବ୍ୟାପାର ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି ୟୁପିଏସ୍‌ସି ସିଭିଲ ସର୍ଭିସ୍ ପରୀକ୍ଷା ୨୦୨୨ର ଫଳାଫଳକୁ ନେଇ ମିଥ୍ୟା ତଥା ବିଭ୍ରାନ୍ତିକର ବିଜ୍ଞାପନ ପ୍ରକାଶ କରିଥିବାରୁ ପ୍ରାଧିକରଣ ଏହି ନିର୍ଦ୍ଦେଶ ଦେଇଛନ୍ତି । ଉପଭୋକ୍ତାଙ୍କ ଅଧିକାର ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରାଧିକରଣ ଏହି ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଏଭଳି ବିଜ୍ଞାପନ ଖାଉଟୀ ସୁରକ୍ଷା ଆଇନ୍‌ର ଉଲ୍ଲଙ୍ଘନ କରୁଛି ବୋଲି ପ୍ରାଧିକରଣର ମୁଖ୍ୟ କମିଶନର ନିଧି ଖରେ ଏବଂ କମିଶନର ଅନୁପମ ମିଶ୍ରଙ୍କ ପୀଠ ଏହି ନିଷ୍ପତ୍ତି ଶୁଣାଇଛନ୍ତି । ଏଭଳି ବିଜ୍ଞାପନ ତୁରନ୍ତ ବନ୍ଦ କରିବାକୁ ପ୍ରାଧିକରଣ ନିର୍ଦ୍ଦେଶ ଦେଇଛନ୍ତି ।

## ୟୁଏସ୍-ଇସ୍ରାଏଲ

ଆମେରିକାର ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନ ଆଜି ଇସ୍ରାଏଲ ଗସ୍ତରେ ଯିବେ । ଗାଜାରେ ଅସ୍ତ୍ରବିରତି ପାଇଁ ୱାଶିଂଟନର କୂଟନୈତିକ ପ୍ରୟାସର ଅଂଶସ୍ୱରୂପ ସେ ଏହି ଗସ୍ତ କରୁଛନ୍ତି । ଗତ ଅକ୍ଟୋବର ମାସରେ ହମାସ ଆତଙ୍କବାଦୀଙ୍କ ଦ୍ୱାରା ଦକ୍ଷିଣ ଇସ୍ରାଏଲ ଉପରେ ଆକ୍ରମଣ ପରେ ଶ୍ରୀ ବ୍ଲିଙ୍କେନଙ୍କର ଏହା ହେଉଛି ନବମ ଗସ୍ତ । ଇସ୍ରାଏଲ ଏବଂ ହମାସ୍ ମଧ୍ୟରେ କାଇରୋଠାରେ ଚାଲିଥିବା ଶାନ୍ତି ଆଲୋଚନାକୁ ଶ୍ରୀ ବ୍ଲିଙ୍କେନ ଅନୁଧ୍ୟାନ କରିବେ । ଗତ ଦୁଇଦିନ ଧରି ଦୋହା ଶାନ୍ତି ଆଲୋଚନା ପରେ ଗାଜାଠାରେ ଅସ୍ତ୍ରବିରତି ନେଇ କିଛି ଆଶା ସଞ୍ଚାର ହୋଇଛି । ବ୍ଲିଙ୍କେନ କହିଛନ୍ତି ଏହି ଗସ୍ତ ଅବସରରେ ସେ ଇସ୍ରାଏଲ ରାଷ୍ଟ୍ରପତି ଆଇଜାକ ହରଯୋଗ, ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ପ୍ରତିରକ୍ଷାମନ୍ତ୍ରୀ ଇଓଭ ଗାଲାଣ୍ଟଙ୍କ ସହ ଆଲୋଚନା କରିବେ ।

ଦୋହାଠାରେ ଶାନ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିବା ମୋସାଦର ନିର୍ଦ୍ଦେଶକ ତଥା ସିନ୍‌ବେଟ ମୁଖ୍ୟ ଡେଭିଡ ବାର୍‌ନିଆଙ୍କ ସହ ମଧ୍ୟ ଶ୍ରୀ ବ୍ଲିଙ୍କେନ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ସୂଚନାଯୋଗ୍ୟ ଗତ ଅକ୍ଟୋବର ୭ ତାରିଖରେ ହମାସ ଆତଙ୍କବାଦୀଙ୍କ ଆକ୍ରମଣରେ ଦକ୍ଷିଣ ଇସ୍ରାଏଲର ୧୨ଶହ ଲୋକଙ୍କ ମୃତ୍ୟୁ ହୋଇଥିଲା । ୨୫୧ଜଣଙ୍କୁ ହମାସ୍ ଆତଙ୍କବାଦୀ ପଣବନ୍ଦୀ କରି ରଖିଥିଲେ । ସେମାନଙ୍କ ମଧ୍ୟରୁ ଏବେ ମଧ୍ୟ ୧୧୧ଜଣ ଗାଜାରେ ଥିବା ଜଣାପଡିଛି । ଗତମାସ ୩୧ ତାରିଖରେ

ତେହେରାନରେ ହମାସ ନେତା ଇସ୍‌ମାଇଲ ହାନିୟେହେଙ୍କ ହତ୍ୟା ପରେ ଇରାନ୍ ଇସ୍ରାଏଲ ବିରୋଧ ପ୍ରତିଶୋଧ ପଦକ୍ଷେପ ନେବାପାଇଁ ଧମକ ଦେଇଛି । ଫଳରେ ସେଠାରେ ଆଞ୍ଚଳିକ ଉତ୍ତେଜନା ବୃଦ୍ଧି ପାଇଛି । କୂଟନୈତିକ ପ୍ରୟାସ ମାଧ୍ୟମରେ ଏହାକୁ ପ୍ରତିହତ କରିବା ଲାଗି ପଦକ୍ଷେପ ନିଆଯାଉଛି । ତେବେ ଇସ୍ରାଏଲ ବିରୋଧରେ କୌଣସି ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ଆମେରିକା ଇରାନ୍‌କୁ ଚେତାବନି ଦେଇଛି ।

## ତିରୁମାଲା-ଅଗ୍ନିକାଣ୍ଡ

ତିରୁପତିଠାରେ ଥିବା ତିରୁମାଲା ତିରୁପତି ଦେବସ୍ଥାନମ୍ସ ପ୍ରଶାସନିକ କୋଠାରେ ଗତକାଲି ଯାନ୍ତ୍ରିକ ବିଭାଗରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି । ସେଠାକାର କର୍ମଚାରୀମାନଙ୍କ ଉଦ୍ୟମ ଫଳରେ ନିଆଁକୁ ଆୟତ୍ତ କରାଯାଇଥିଲା । ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଭାସ୍କର ଆଲିପିରି ପୋଲିସ ଷ୍ଟେସନରେ ଏକ ଏଫ୍‌ଆଇଆର୍ ରୁଜୁ କରିଥିଲେ । ତିରୁମାଲା ତିରୁପତି ଦେବସ୍ଥାନମର ସି.ଭି.ଏସ୍.ଓ ଶ୍ରୀଧର ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ସେ କହିଛନ୍ତି ତିରୁମାଲା ମନ୍ଦିରର କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ନିଆଁରେ ନଷ୍ଟ ହୋଇଯାଇଛି । ହେଲେ ଇଲେକ୍ଟ୍ରୋନିକ ଅଫିସରେ ସଂରକ୍ଷିତ ଥିବା ସମସ୍ତ ତଥ୍ୟ ସୁରକ୍ଷିତ

ଥିବା ସେ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ଅନୁସନ୍ଧାନ ଜାରି ରହିଥିବା ଶ୍ରୀ ଶ୍ରୀଧର ପ୍ରକାଶ କରିଛନ୍ତି ।

## ଟେନିସ

ସିନ୍‌ସିନାଟି ଓପନ ୨୦୨୪ ଟେନିସ ପ୍ରତିଯୋଗିତାର ଉଭୟ ମହିଳା ଓ ପୁରୁଷ ବର୍ଗରେ ସେମିଫାଇନାଲ ପର୍ଯ୍ୟାୟ ପ୍ରତିଯୋଗିତା ଆଜି ଅନୁଷ୍ଠିତ ହେବ । ଯୁକ୍ତରାଷ୍ଟ୍ର ଆମେରିକାରେ ଚାଲିଥିବା ଏହି ପ୍ରତିଯୋଗିତାର ମହିଳା ବର୍ଗରେ ଏକନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ପୋଲାଣ୍ଡର ଇଗା ସ୍ୱିଆଟେକ୍, ବେଲାରୁଷର ଖେଳାଳି ଆରିନା ସାବାଲିଙ୍କାଙ୍କୁ ଭେଟିବେ । ସେହିଭଳି ପୁରୁଷ ବର୍ଗରେ ଇଟାଲୀର ଜାନିକ ସିନର, ଜର୍ମାନୀର ଆଲେକଜାଣ୍ଡାର ଜେଭେରେଭଙ୍କ ମଧ୍ୟରେ ମୁକାବିଲା ହେବ ।